# Akashvani, Sambalpur

## SAMBALPURI NEWS EVENING BULLETIN

## 24 March 2025- 7.02 pm- 7.12 pm.

*******************************************

୧- ପ୍ରକୃତି ଅନୁକୂଳ ଜୀବନ୍‌ଶୈଲୀ ଭାରତୀୟ ସଂସ୍କୃତିର୍ ବିଶେଷତ୍ୱ ଆଏ- କହେଲେ ରାଷ୍ଟ୍ରପତି ।

- କଂଟିଲୋ ନୀଳମାଧବଙ୍କର୍ କଲେ ଦର୍ଶନ୍ ।

୨- ଚିଟ୍‌ଫଣ୍ଡ ଜମାକାରୀଙ୍କର୍ ଟଙ୍କା ଫିରାବାର୍ ଲାଗି ତିଆର୍ କରାଯାଉଛେ ନୂଆଁ ନିର୍ଦ୍ଦେଶାବଳୀ ।

୩- ସ୍ମାର୍ଟ ମିଟର୍‌ଥି ୨ କିଲୋୱାଟ୍‌ତକ୍ ବିଜ୍‌ଲି ଉପ୍‌ରେ ନାଇଁ ପଡ଼େ ଭଡ଼ା ।

ଆଉର୍

୪- ଯକ୍ଷ୍ମରୋଗର୍ ସାମାଜିକ୍ ଆଉ ଅର୍ଥନୈତିକ୍ ପ୍ରଭାବ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ପାଳନ୍ କରାଯାଉଛେ ବିଶ୍ୱ ଯକ୍ଷ୍ମା ଦିବସ୍ ।

ରାଷ୍ଟ୍ରପତି-ଓଡ଼ିଶା          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରକୃତି ଅନୁକୁଲ୍ ଜୀବନ୍ ଶୈଳୀ ଭାରତୀୟ ସଂସ୍କୃତିର୍ ବିଶେଷତ୍ୱ ଆଏ ଆଉ ପ୍ରକୃତି ପୂଜା ଆଦିବାସୀମାନ୍‌କର ଜୀବନ୍‌ଶୈଳୀର୍ ଅଭିନ୍ ଅଙ୍ଗ୍ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଆଏଜ୍ ଦିନ୍‌କିଆ ଓଡ଼ିଶାଗସ୍ତଥି ଆସିକରି ନୟାଗଡ଼ ଜିଲ୍ଲା କଂଟିଲୋଠାନେ ନୀଲମାଧବଙ୍କର ଦର୍ଶନ୍ କର୍‌ବାର୍ ଉତ୍‌ରୁ ଜିଲ୍ଲାର କାଳିଆପଲ୍ଲୀ ଗାଁ ହେଇଥିବା ଭାରତୀୟ ବିଶ୍ୱାବସୁ ଶବର ସମାଜ୍‌ର ବାର୍ଷିକ ଉଛବ୍‌ଥି ରାଷ୍ଟ୍ରପତି ଯୋଗ୍ ଦେଇଛନ୍ । ଇଥି ଉଦ୍‌ବୋଧନ୍ ଦେଇକରି ଶ୍ରୀମତୀ ମୁର୍ମୁ କହିଛନ୍, ଆଦିବାସୀମାନେ ଜଙ୍ଗଲ, ଗଛ, ଲତାକେ ଦେବ୍‌ତା ଭାବେ ମାନ୍‌ସନ । ଆଦିବାସୀଙ୍କର୍ ପୂଜାଠାନ୍ କହେଲେ ଗଛ ତଲ୍‌କେ ହିଁ ବୁଝାଯାଏସି । ମହାପ୍ରଭୁ ଜଗନ୍ନାଥ୍‌ଙ୍କର ଆଦିପୀଠ ଆଉ ନୀଲମାଧବଙ୍କର୍ ପହେଲା ପୂଜକ୍ ବିଶ୍ୱାବସୁଙ୍କର ମାଟିକେ ଆସିକରି ସେ ଧନ୍ୟ ହେଇଛନ୍ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍-ରାଷ୍ଟ୍ରପତି)

ଇ ଅବ୍‌ସରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେଇକରି ଆଦିବାସୀ ସଂସ୍କୃତି ଆଉ ପରମ୍ପରାର୍ ସଂରକ୍ଷଣ, ପ୍ରଚାର୍‌ପ୍ରସାର ଆଉ ସର୍ବାଙ୍ଗୀନ୍ ବିକାଶ ଦିଗେ ବିଶ୍ୱାବସୁ ଶବର ସମାଜ୍‌ର ଚେରେଷ୍ଟାକେ ବାର୍ଷିକ୍ ଉଛବ୍‌ଥି ଯୋଗ୍ ଦେଇକରି ପ୍ରଶଂସା କରିଛନ୍ ।

ସେନ୍ତା ଆଦିବାସୀ ଆଉ ଜନଜାତି ଆଉ ସୋମନଙ୍କ ଉଚ୍ଚ ପରମ୍ପରାର୍ ସୁରକ୍ଷା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବଲି ସଭାଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ ।

ବିଧାନ୍ସଭା ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ବିଧାନ୍ସଭାର୍ ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍ର ୧୧ ନମ୍ବର୍ ଦିନେ ଆଏଜ୍ ଗୃହ ନ ବିରୋଧୀ ସଦସ୍ୟମାନ୍କର୍ କିର୍ଲାଗଗା ଲାଗି ସଖାଲବେଲା ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । କଂଗ୍ରେସ୍ ସଦସ୍ୟମାନେ ମହିଳା ସୁରକ୍ଷା ପ୍ରସଙ୍ଗ ଆଉ ବିଜେଡ଼ି ସଦସ୍ୟମାନେ ପଛୁଆ ବର୍ଗ ଆଉ ଶିକ୍ଷା ନିଯୁକ୍ତି କ୍ଷେତ୍ରଥି ୨୭ ପ୍ରତିଶତ୍ ସଂରକ୍ଷଣ୍ ଦାବିଥି ହୋହଲ୍ଲା କରିଥିଲେ । ଗୃହକାର୍ଯ୍ୟଥି ବାରମ୍ବାର୍ ବାଧା ହେବାର୍ନୁ ବାଚସ୍ପତି ସୁରମା ପାଢ଼ୀ ଗୃହକେ ବାର୍ବାର୍ ମୁଲ୍ତବୀ କରିଥିଲେ ।

ବିଧାନ୍ସଭା- ମୁଖ୍ୟମନ୍ତ୍ରୀ ଭୁବ୍ନେଶ୍ୱର୍ ସମ୍ବାଦଦାତା

ଜମାକାରୀମାନଙ୍କୁ ଚିଟ୍ଫଣ୍ଡ ଟଙ୍କା ଫିରାବାର୍ ଲାଗି ନୂଆ ନିର୍ଦ୍ଦେଶାବଲୀତିଆର୍ କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ବିଧାନସଭାନ ଆଏଜ ଗୁଟେ ଲିଖିତ୍

ପ୍ରଶ୍ନ ଉତରରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଏବ୍‌ତକ୍ ୯୬ ହଜାର ୪ ଶହ ୭୪ ଝନ୍ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ୪୫ କୋଟି ୯୬ ଲାଖ୍ ଟଙ୍କା ଫିରାଯାଇଛେ । ବାକି ଲୁକ୍‌କୁ ଟଙ୍କା ଫିରାବାର୍ ଲାଗି ତୁର୍‌ତି ପଦକ୍ଷେପ୍ ନିଆଯିବା । ଟଙ୍କା ଫିରାବାର୍ ପ୍ରକ୍ରିୟାକେ ରାଜ୍ୟ ସରକାର ଆହୁରି ସରଲ୍ କର୍‌ବେ । ଇଥିର୍ ଲାଗି ନୂଆ ନିର୍ଦ୍ଦେଶାବଲୀ ତିଆର୍ ହଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଆଉ ଗୁଟେ ପ୍ରଶ୍ନର ଲିଖିତ୍ ଉତରରୁ ମୁଖ୍ୟମନ୍ତ୍ରୀ କହିଛନ୍, ଦୁର୍ନୀତି ବିରୋଧରୁ ରାଜ୍ୟ ସରକାର ଶୂନ୍ୟ ସହନ୍‌ଶୀଲ୍ ନୀତି ଜାରି ରଖିଛନ୍ । ଗଲା ୫ ବଛର୍ ଭିତ୍‌ରେ ଦୁର୍ନୀତି ନ ସମ୍ପୃକ୍ତ ଅଭିଯୋଗରୁ ଶହେ ୫୯ ସରକାରୀ ଅଧିକାରୀ ବିଦା ହେଇଛନ୍ । ସେମାନଙ୍କର ଭିତ୍‌ରେ ଶହେ ୨୦ ଝନ୍‌ଙ୍କୁ ଚାକ୍‌ରିନୁ ବାହାର୍ କରାଯାଇଛେ । ୩୯ ଝନ୍‌ଙ୍କୁ ବାଧ୍ୟତାମୂଲକ୍ ଅବସର ଦିଆଯାଇଛେ । ସେନ୍ତା ୫୯ କୋଟି ୪୭ ଲାଖ୍ ୮୪ ହଜାର ୯ ଶହ ୮୧ ଟଙ୍କାର୍ ଆୟବହିର୍ଭୁତ ସମ୍ପତି ଠୋଲ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଧାନସଭାନ କହିଛନ୍ ।

ଓଡ଼ିଶା ହାଇକୋର୍ଟ-ମୁଖ୍ୟ ବିଚାର୍‌ପତି

ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ହାଇକୋର୍ଟର ନୂଆଁ ମୁଖ୍ୟ ବିଚାର୍ପତି ଭାବେ ଜଷ୍ଟିସ୍ ହରିଶ ଟଣ୍ଡନ୍ ଆଏବା ବୁଧବାର୍ ଦିନ ଶପଥ୍ ନେବେ । ସଖାଲର୍ ୧୦ ବଜେ ହାଇକୋର୍ଟ ପରିସର ନ ହେବାର୍କେ ଥିବାର୍ ଖାସ୍ କାର୍ଯ୍ୟକ୍ରମ୍ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ଙ୍କୁ ମୁଖ୍ୟ ବିଚାର୍ପତି ଭାବେ ଶପଥ୍ ପାଠ୍ କରାବେ । ଶ୍ରୀ ଟଣ୍ଡନ୍ ଇହାଦେ କୋଲ୍କାତା ହାଇକୋର୍ଟର ବିଚାର୍ପତି ଦାୟିତ୍ୱଥି ଅଛନ୍ । ଗଲା ୬ ତାରିଖ୍ ଦିନ ସୁପ୍ରିମ୍କୋର୍ଟ କୋଲିଜିୟମ୍ ଜଷ୍ଟିସ୍ ହରିଶ୍ ଟଣ୍ଡନ୍ଙ୍କୁ ଓଡ଼ିଶା ହାଇକୋର୍ଟର ବିଚାର୍ପତି ଭାବେ ନିଯୁକ୍ତି ଦେବାର୍କେ ସୁପିରିଶ୍ କରିଥିଲେ ।

ସାଂସଦ୍ ଦରମା ବୃଦ୍ଧି ଏକ୍ସ

କେନ୍ଦ୍ର ସର୍କାର୍ ସାଂସଦ୍ ମାନ୍କର୍ ଦର୍ମା ୧ ଲାଖ୍ନୁ ୧ ଲାଖ୍ ୨୦ ହଜାର୍ ଟଙ୍କାକେ ବଢ଼େଇଛନ୍ । ଇତାର୍ସହେତେ ସେମାନ୍କର୍ ଦୈନିକ ଭତା ୨ ହଜାର୍ନୁ ୨୫ ଶହ ଟଙ୍କାକେ ବଢ଼େଇଛନ୍ । ସେନ୍ତା ଆଘର୍ ସାଂସଦ୍ ମାନ୍କର୍ ପେନ୍ସନ୍ ୨୫ ହଜାର୍ନୁ ୩୧ ହଜାର୍କେ ବଢ଼େଇଛନ୍ । ୨୦୨୩ ଏପ୍ରିଲ୍ ୧ ତାରିଖ୍ନୁ ଇ ସବୁ ଭତା ନିୟମ୍ ପିଛିଲା ଭାବେ ଲାଗୁ ହେବା ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରଣାଳୟ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ବିଶ୍ୱ ଉପଭୋକ୍ତା ଅଧିକାର୍ ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ବିଶ୍ୱ ଉପଭୋକ୍ତା ଅଧିକାର୍ ଦିବସ୍ । ଉପଭୋକ୍ତାମାନ୍‌କର୍ ସ୍ଥାୟୀ ଆଉ ସୁସ୍ଥ ଜୀବନ୍‌ଶୈଳୀ ଲାଗି ୧୯୮୩ ମସିହାନୁ ଫି’ ବଛର୍ ଆଝିର୍ ଦିନେ ଇ ଦିବସ୍ ପାଲନ୍ କରାଯାଉଛେ । ଉପଭୋକ୍ତାମାନ୍‌କର୍ ପସନ୍ଦ୍‌କେ ସମ୍ମାନ୍ ଦେବାର୍ ଆଉ ସେମାନ୍‌କର୍ ମୌଲିକ୍ ଅଧିକାର୍‌କେ ସୁରକ୍ଷିତ୍ ରଖ୍‌ବାର୍ ଲାଗି ସଚେତନ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ ‘ସ୍ଥାୟୀ ଜୀବନଶୈଳୀ କ୍ଷେତ୍ରରେ ନ୍ୟାୟପୂର୍ଣ୍ଣ ପରିବର୍ତନ୍’ । ଦେଶେ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଭିନ୍ ଭିନ୍ କେନ୍ଦ୍ର ଆଉ ରାଜ୍ୟସ୍ତରୀୟ ଉପଭୋକ୍ତା ଅଧିକାର୍ ବାବଦ୍ ସଂସ୍ଥାମାନ୍‌କୁ ବର୍‌କସ୍ କର୍‌ବାର୍ ଲାଗି ୩୨ ଦଶ୍‌ମିକ୍ ୬/୮ କୋଟିନୁ ଅଏତ୍‌କା ଟଙ୍କା ବ୍ୟୟବରାଦ୍ କରାଯାଇଥିଲା । ଇ-ଦାଖଲ୍ ପୋର୍ଟାଲ୍ ଜରିଏ ଉପଭୋକ୍ତାମାନ୍‌କର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ କଡ଼ା ପଦକ୍ଷେପ୍ ନିଆଯାଉଛେ । ଇ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପଭୋକ୍ତା ସୁରକ୍ଷା ଆନ୍ଦୋଳନ୍‌କେ ବର୍‌କସ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ଓଇଆର୍‌ସି ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ୍-ଓଇଆର୍‌ସି ୨ କିଲୋୱାଟ୍ ତକ୍ ବିଜ୍‌ଲି ଉପ୍‌ରେ ସ୍ମାର୍ଟ ମିଟର୍‌ଥି ରେଂଟ୍ ଛାଡ୍ ଲାଗି ଘୋଷ୍‌ନା କରିଛେ । ଡିଜିଟାଲ୍  ପେମେଂଟ୍ କ୍ଷେତ୍ରଥି ଆଘର୍ ବାଗିର୍ ୪ ପ୍ରତିଶତ୍ ରିହାତି ରହିଛେ । ଇତାର୍‌ଛଡ଼ା ବିଜ୍‌ଲି ଟାରିଫ୍‌ଥି କେନ୍‌ସି ପ୍ରକାର୍ ପରିବର୍ତନ୍ ନାଇଁ କରାଯାଇ । ରାଜ୍ୟ ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ଉତ୍‌ରୁ ଓଇଆର୍‌ସି ଇ ଘୋଷ୍‌ନା କରିଥିବାର୍ ଜନାପଡ଼ିଛେ ।

ଯକ୍ଷ୍ମା ଦିବସ୍          ଆର୍‌ଏନ୍‌ୟୁ/

ଯକ୍ଷ୍ମା ରୋଗ୍‌ର ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାବାର୍ ଆଉ ଇତାର୍ ସାମାଜିକ୍ ଆଉ ଅର୍ଥନୈତିକ୍ ପ୍ରଭାବ୍ ବାବ୍‌ଦେ ସଚେତନ୍ କରେଇକରି ରୋଗ୍‌ର ମୁକାବିଲା ଲାଗି ହେଉଥିବା ଚେରେଷ୍ଟାକେ ତହଁକାବାର୍ ଉଦ୍ଦେଶ୍‌ଥି ଆଏଜ୍ ବିଶ୍ୱ ଯକ୍ଷ୍ମା ଦିବସ୍ ପାଲନ୍ କରାଯାଉଛେ । ୧୮୮୨ ମସିହା ନ ଡକ୍ଟର୍ ରବର୍ଟ କୋଚ୍ ଯକ୍ଷ୍ମା ଭୂତାଣୁ ଆବିଷ୍କାର୍ କର୍‌ବାର୍ ବାର୍ଷିକୀକେ ଆଏଜ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ ‘ଆମେ ଯକ୍ଷ୍ମାକେ ମୂଲୁ ଶେଷ୍ କରିପାର୍‌ମା ଆର୍ ଇଥିର୍‌ଲାଗି ପ୍ରତିଶ୍ରୁତିବଦ୍ଧ ହେଇପାର୍‌ମା ।

୨୦୩୦ ତକ୍ ପୁର୍‌ଥିନୁ ଯକ୍ଷ୍ମା ଦୂର୍ କର୍‌ବାର୍ ଲାଗି ମିଲିତ୍ ଜାତିସଂଘ ଲକ୍ଷ୍ୟ ରଖିଥିବାର୍ ବେଳେ ୫ ବଛର୍ ଆଘୋନୁ ୨୦୨୫ ଭିତ୍‌ରେ ଭାରତ୍‌କେ ଯକ୍ଷ୍ମାମୁକ୍ତ କର୍‌ବାର୍ ଲାଗି କେନ୍ଦ୍ରସର୍‌କାର୍ ଖାସ୍ ଅଭିଯାନ୍ ମାନ୍ ମୁଲ୍ କରିଛନ୍ । ଇଥିର୍‌ଲାଗି କେନ୍ଦ୍ର ସର୍‌କାର୍ ଗଲାବଛର୍ ଡିସେମ୍ବର୍ ୭ ନୁ ମାର୍ଚ୍ଚ ୧୭ ତାରିଖ୍ ତକ୍ ଶହେ ଦିନିଆ ଯକ୍ଷ୍ମାମୁକ୍ତ ଭାରତ୍ ଅଭିଯାନ୍ କରିଥିଲେ ।

ରାଜ୍ୟକେ ଇ ବଛର୍‌ତକ୍ ଯକ୍ଷ୍ମାମୁକ୍ତ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ରାଜ୍ୟର୍ ୬ ହଜାର୍ ୭ ଶହ ୯୪ ଟା ଗ୍ରାମ୍ ପଂଚାୟତ୍‌କେ ଯକ୍ଷ୍ମାମୁକ୍ତ କର୍‌ବାର୍ ଲାଗି କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ୨୦୨୨ ମସିହାଥି ୧ ଲାଖ୍ ଲୁକ୍‌କର୍ ଭିତ୍‌ରୁ ୫ ଶହ ୬୮ ଝନ୍ ଯକ୍ଷ୍ମା ସଂକ୍ରମିତ ହେଇଥିବାର୍ ବେଳେ ଗଲାବଛର୍ ଇଟା କମିକରି ୪ ଶହ ୨୮କେ ପୁହୁଁଚିଛେ । ଯକ୍ଷ୍ମାରୋଗ୍‌ଥି ଜୀବନ୍ ଯାଉଥିବା ଲୁକ୍‌କର୍ ହାର ଭିଲ୍ ୪ ପ୍ରତିଶତ୍ କମିଥିବାର୍ ଜନାପଡ଼ିଛେ । ନିକ୍ଷୟ ପୋଷଣ୍ ଯୋଜ୍‌ନାଥି ଯକ୍ଷ୍ମାରୋଗୀମାନ୍‌କୁ ପୁଷ୍ଟିକର ଖାଏବାର୍ ଦରବ୍ ଲାଗି ଆର୍ଥିକ୍ ସାହାଜ୍ ଯୁଗେଇ ଦିଆଯାଉଛେ । ରାଜ୍ୟର୍ ପାଖାପାଖି ସବୁ ହାସ୍‌ପାତାଲ୍ ନ ଟ୍ରୁନାଟ୍ ମେସିନ୍‌ଥି ଯକ୍ଷ୍ମା ପରୀକ୍ଷା କରାଯାଇକରି ରୋଗୀମାନ୍‌କୁ ମାହାଲିଆ ଚିକିତ୍ସା ଯୁଗେଇ ଦିଆଯାଉଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ନ କାର୍ଯ୍ୟକାରୀ ହେଇଥିବା ଶହେ ଦିନିଆ ଯକ୍ଷ୍ମା ଅଭିଯାନ୍ ବାବ୍‌ଦେ ନୋଡ଼ାଲ୍ ଅଧିକାରୀ ଡାକ୍ତର୍ ସଞ୍ଜିବ୍ ତିରିଆ କହିଛନ୍...

(ଭଏସ୍ ଓଭର୍-ନୋଡ଼ାଲ୍ ଅଧିକାରୀ)

ବିଏଡ୍ ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

୨ ବର୍ଷିଆ ବିଏଡ୍, ଏମ୍‌ଏଡ୍, ବିଏଚ୍‌ଏଡ୍ ପାଠ୍ୟକ୍ରମ୍‌ଥି ନାଁଲେଖା ପ୍ରବେଶିକା ପରୀକ୍ଷା ଲାଗି ଆଏଜ୍‌ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଏପ୍ରିଲ୍ ୧୦ ତାରିଖ୍‌ତକ୍ ଇଟା ଚାଲ୍‌ବା । ଆବେଦନ୍‌ଥି କେନ୍‌ସି ଭୁଲ୍ ଥିଲେ, ଏପ୍ରିଲ୍ ୧୧ ତାରିଖ୍ ଦିନ ବଦ୍‌ଲା ଯାଇପାର୍‌ବା । ସେନ୍ତା ମେ ମାସ ୨୩ ତାରିଖ୍‌ଥି ଏଡ଼୍‌ମିଟ୍ କାର୍ଡ଼ ବାହାର୍‌ବା । ଆଉ ଜୁନ୍ ୧ ତାରିଖ୍ ଦିନ ବିଏଡ୍ ଆର୍ ବିଏଚ୍‌ଏଡ୍ ର ପ୍ରବେଶିକା ପରୀକ୍ଷା ହେବା । ସେନ୍ତା ଏମ୍‌ଏଡ୍ ଲାଗି ପ୍ରବେଶିକା ପରୀକ୍ଷା ଜୁନ୍ ୪ ତାରିଖ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଜନଅଭିଯୋଗ୍ ଶୁଣାଣି ଶିବିର/ ସମ୍ବଲପୁର/ ସୋନ୍‌ପୁର୍/ ନୂଆପଡ଼ା/ ଦେବ୍‌ଗଡ଼୍/ କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ମିଳିତ ଜନଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ନାକ୍‌ଟିଦେଉଲ୍ ବ୍ଲକ୍ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୬୨ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ସେଥିର୍‌ଭିତ୍‌ରୁ ୫ ଟା ତୁର୍‌ତି ସମାଧାନ୍ ହେଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ବ୍ଲକ୍ ସମ୍ମିଳନୀ କକ୍ଷ ଠାନେ ହେଇଥିବା ଶିବିରଥି ଶହେ ୨୫ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା ।

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ସମ୍ମିଳନୀ କକ୍ଷ ଠାନେ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଇନ ଶହେ ୬ ଟା ଅଭିଯୋଗ୍ ଶୁଣାଣି କରାଯାଇଥିଲା । ଇ ଅବ୍‌ସରେ ୮୪ ଝନ୍‌କୁ ବ୍ୟକ୍ତିଗତ ଜଙ୍ଗଲ୍ ଅଧିକାର୍ ସ୍ୱୀକୃତି ପଟ୍ଟା, ୩ ଟା ଗୋଷ୍ଠୀକେ ପଟ୍ଟା, ୭ ଟା ଗୋଷ୍ଠୀକେ ଜଙ୍ଗଲ୍ ସମ୍ବଳ ଅଧିକାର୍ ପଟ୍ଟା ଦିଆଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ରଙ୍ଗେଇ ଗ୍ରାମ୍ ପଂଚାୟତ୍ ସମ୍ମିଳନୀ କକ୍ଷ ଠାନେ ହେଇଥିବା ଶିବିରଥି ୩୪ ଟା ଅଭିଯୋଗ୍ ଆସିଥିଲା ।

କଲାହାଣ୍ଡି ଜିଲ୍ଲା ଜୁନାଗଡ଼୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍‌ଙ୍କର୍ ୩୭ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୭ ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିଲା ।

ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକାର୍ କେତେ ଜାଗା ନ ଆଏବା କାଏଲ୍‌ତକ୍ ହାଲ୍‌କା ନୁ ମଧ୍ୟମ୍ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ । ଇ ସମିଆଥି ଘଡ଼୍‌ଘଡ଼ି ସାଙ୍ଗେ ଧୁକାଗର୍ଡ଼ି ଆର୍ ବର୍ଷା ହେଇପାରେ ବଲି ସମୁଦ୍ରଖଁଡ଼ିର୍ ୧୩ ଟା ଜିଲ୍ଲା ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ରାଜ୍ୟର୍ ବାକି ଇଲାକା ନ ପାଗ୍ ଶୁଖା ରହେବା ।